# NATIONAL NEWS BULLETIN (ODIA)
## 19th February - 2025
## Morning Bulletin : 7.15 a.m.

*************************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- କାତାର ଏବଂ ଭାରତ ମଧ୍ୟରେ ବିଭନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଭାଗିତା ସୁଦୃଢ଼ ରହିଛି ବୋଲି କହିଲେ ରାଷ୍ଟ୍ରପତି ।
- ଆସାମର ଦ୍ୱିତୀୟ ଜାତୀୟ ଜଳପଥ ଟର୍ମିନାଲ୍ ଆନ୍ତଃ ଜଳପଥ ପରିବହନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ; କହିଲେ ପ୍ରଧାନମନ୍ତ୍ରୀ ।
- ନେତା ମନୋନୟନ ନେଇ ଆଜି ନୂଆଦିଲ୍ଲୀଠରେ ଅନୁଷ୍ଠିତ ହେବ ନବନିର୍ବାଚିତ ଦିଲ୍ଲୀ ବି.ଜେ.ପି. ବିଧାୟକ ଦଳ ବୈଠକ ।
- ପ୍ରୟାଗରାଜ ମହାକୁମ୍ଭ ମେଳାର ସମୟସୀମା ସମ୍ପ୍ରସାରଣ ସଂକ୍ରାନ୍ତ ଖବର ଗୁଜବ ବୋଲି ସ୍ପଷ୍ଟ କଲେ ଉତ୍ତର ପ୍ରଦେଶ ସରକାର ।

ଏବଂ

- ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି କ୍ରିକେଟ ପ୍ରତିଯୋଗିତା ଆଜିଠାରୁ ଆରମ୍ଭ; ଉଦ୍‌ଘାଟନୀ ମ୍ୟାଚ୍‌ରେ କରାଚିଠାରେ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ୍ ମଧ୍ୟରେ ହେବ ମୁକାବିଲା ।

## ପ୍ରେଜ୍ - କାତାର ଅମିର୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, କାତାର ଏବଂ ଭାରତ ମଧ୍ୟରେ ଶତାବ୍ଦୀ ଧରି ଦୃଢ଼ ସମ୍ପର୍କ ରହିଛି । ପଶ୍ଚିମ ଏସିଆ ସହ ବାଣିଜ୍ୟ ଏବଂ ସାଂସ୍କୃତି କ୍ଷେତ୍ରରେ କାତାର ସହ ଦ୍ୱିପାକ୍ଷିକ ସମ୍ପର୍କ ରହିଆସିଛି । ସେଥିରେ ଭାରତ ଅନ୍ୟତମ ।  ରାଷ୍ଟ୍ରପତି ଭବନରେ ଗତ ସନ୍ଧ୍ୟାରେ କାତାରର ଅମିର ଶେଖ୍ ତାମିମ୍ ବିନ୍ ହମାଦ୍ ଅଲ୍ ଥାନିଙ୍କୁ ସ୍ୱାଗତ କରିବା ଅବସରରେ ରାଷ୍ଟ୍ରପତି ଏହା କହିଛନ୍ତି । ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗର ମାର୍ଗକୁ ଉନ୍ମୁକ୍ତ କରିବା ଉପରେ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି । ବାଣିଜ୍ୟ, ପୁଞ୍ଜିନିବେଶ, ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ, ସାଂସ୍କୃତିକ ଏବଂ ଶକ୍ତି କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ଦୃଢ଼ ସହଭାଗିତା ରହିଛି ବୋଲି ରାଷ୍ଟ୍ରପତି କହିଛନ୍ତି । ସୃଜନଶୀଳତା, ପ୍ରଯୁକ୍ତି ବିଦ୍ୟା ଏବଂ ଷ୍ଟାର୍ଟଅପ୍ କ୍ଷେତ୍ରରେ ଦୁଇ ଦେଶ ମିଳିତ ଭାବେ କାର୍ଯ୍ୟ କରିବା ଉପରେ ରାଷ୍ଟ୍ରପତି ପ୍ରସ୍ତାବ ଦେଇଛନ୍ତି । ଶାନ୍ତି, ପ୍ରଗତି ଏବଂ ସହାବସ୍ଥାନ କ୍ଷେତ୍ରରେ ଦୁଇ ଦେଶର

ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି ରାଷ୍ଟ୍ରପତି କହିଛନ୍ତି, ଏହା କେବଳ ଦ୍ୱିପାକ୍ଷିକ ନୁହେଁ; ବରଂ ବୈଶ୍ୱିକ କ୍ଷେତ୍ରରେ ଉଲ୍ଲେଖନୀୟ ସାବ୍ୟସ୍ତ ହେବ । ଭାରତ ଗସ୍ତରେ ଆସିଥିବା କାତାର୍‌ର ଅମିରଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରପତି ଗତକାଲି ଏକ ନୈଶ୍ୟଭୋଜିର ଆୟୋଜନ କରିଥିଲେ ।

## ପି.ଏମ୍. - ଆଇ.ଡବ୍ଲ୍ୟୁ.ଟି. ଆସାମ

ଆସାମ୍‌ର ଯୋଗୀଘୋପାଠାରେ ବ୍ରହ୍ମପୁତ୍ର ନଦୀରେ ଦ୍ୱିତୀୟ ଜାତୀୟ ଜଳପଥ ଟର୍ମିନାଲ କାର୍ଯ୍ୟକାରୀ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପଦକ୍ଷେପର ଉଚ୍ଚ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଆନ୍ତଃ ଜଳପଥ ପରିବହନ କ୍ଷେତ୍ରରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ସେହି ଅଞ୍ଚଳରେ ଭିତ୍ତିଭୂମି ବିକାଶ ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ୍ ଏବଂ ଭୁଟାନ୍‌ର ଅର୍ଥମନ୍ତ୍ରୀ ଲ୍ୟୋନ୍‌ପୋ ନାମଗ୍ୟାଲ୍ ଦୋର୍ଜିଙ୍କ ସହ ଯୋଗିଘୋପାଠାରେ ଏହି ଟର୍ମିନାଲ୍‌ର ଉଦ୍‌ଘାଟନ କରିଥିଲେ । ଭୁଟାନ୍ ଏବଂ ବାଂଲାଦେଶ ସହ ଜଳପଥରେ ସଂଯୋଗ ସ୍ଥାପନ କ୍ଷେତ୍ରରେ ଏହି ଟର୍ମିନାଲ୍

ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ଭୁଟାନ୍‌ର ଗେଲେଫୁ'ଠାରୁ ୯୧ କିଲୋମିଟର, ବାଂଲାଦେଶ ଜଳସୀମାଠାରୁ ୧୦୮ କିଲୋମିଟର ଓ ଗୁଆହାଟୀଠାରୁ ୧୪୭ କିଲୋମିଟର ଦୂରରେ ଏହି ଟର୍ମିନାଲ୍ ଅବସ୍ଥିତ । ଆସାମ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ମଧ୍ୟରେ ଜଳପଥରେ ପରିବହନ କ୍ଷେତ୍ରରେ ଏହି ଟର୍ମିନାଲ୍ ବିଶେଷ ସହାୟକ ହେବ ବୋଲି ଜଣାପଡ଼ିଛି ।

## ପି.ଏମ୍. - ସୁନକ

ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଋଷି ସୁନକ୍ ସପରିବାର ନୂଆଦିଲ୍ଲୀରେ ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସାକ୍ଷାତ୍ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ବିଭିନ୍ନ ପ୍ରସଙ୍ଗରେ ଶ୍ରୀ ସୁନକ୍‌ଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ମତ ବିନିମୟ ହୋଇଥିଲା । ଶ୍ରୀ ସୁନକ୍ ଭାରତର ଜଣେ ଅନ୍ତରଙ୍ଗ ବନ୍ଧୁ ଏବଂ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଅଧିକ ସୁଦୃଢ଼ କରିବାରେ ସେ ଅତ୍ୟନ୍ତ ଆଗ୍ରହୀ ବୋଲି ଶ୍ରୀ ମୋଦି ଉଲ୍ଲେଖ କରିଥିଲେ ।

## ବି.ଜେ.ପି. - ପାର୍ଟି ମିଟିଂ

ଦିଲ୍ଲୀ ନବ ନିର୍ବାଚିତ ବିଜେପି ବିଧାୟକ ଦଳ ବୈଠକ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ । ଏହି ବୈଠକରେ ଦଳର ବରିଷ୍ଠ

ନେତାମାନେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ବୈଠକରେ ଦିଲ୍ଲୀର ପରବର୍ତ୍ତୀ ନୂତନ ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା କରାଯିବ । ନୂଆଦିଲ୍ଲୀର ରାମଲୀଳା ମଇଦାନଠାରେ ଆସନ୍ତାକାଲି ନୂତନ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି । ଦିଲ୍ଲୀ ବିଧାନସଭା ନିର୍ବାଚନରେ ମୋଟ୍ ୭୦ଟି ଆସନ ମଧ୍ୟରୁ ବି.ଜେ.ପି. ୪୮ଟିରେ ବିଜୟ ଲାଭ କରିଛି ।

## ଗୁଜରାଟ - ଆସେମ୍ବ୍ଲି ସେସନ୍

ଗୁଜରାଟ୍ ବିଧାନସଭାର ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି । ରାଜ୍ୟପାଳ ଅଧିବେଶନକୁ ସମ୍ବୋଧନ କରିବେ । ରାଜ୍ୟ ଅର୍ଥମନ୍ତ୍ରୀ କାନୁଭାଇ ଦେଶାଇ ଆସନ୍ତା ଆର୍ଥିକ ବର୍ଷପାଇଁ ଗୃହରେ ଆସନ୍ତାକାଲି ବଜେଟ୍ ଉପସ୍ଥାପନ କରିବେ । ମାର୍ଚ୍ଚ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ୪ଟି ବିଲ୍ ଆଗତ ହେବାର କାର୍ଯ୍ୟସୂଚୀ ରହିଛି ।

## ମିଜୋରାମ୍ - ବଜେଟ୍ ସେସନ୍

ମିଜୋରାମ୍ ବିଧାନସଭାର ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି । ରାଜ୍ୟପାଳ ଅବସରପ୍ରାପ୍ତ ଜେନେରାଲ ବିଜୟ କୁମାର ସିଂହଙ୍କ

ସମ୍ବୋଧନ ସହ ଆଜି ବିଧାନସଭା ଅଧିବେଶନ ଆରମ୍ଭ ହେବ । ରାଜ୍ୟ ବିଶ୍ୱବିଦ୍ୟାଳୟ ବିଲ୍ ସହ ୪ଟି ସରକାରୀ ବିଲ୍ ଅଧିବେଶନରେ ଉପସ୍ଥାପନ କରାଯିବ । ବାଚସ୍ପତି ଲାଲ୍‌ବେକ୍‌ଜାମା ଏହି ବିଲ୍ ଉପସ୍ଥାପନ ନେଇ ଅନୁମୋଦନ ପ୍ରଦାନ କରିଛନ୍ତି । ଏଥିସହ ବାଚସ୍ପତିଙ୍କ ଅନୁମୋଦନ ପରେ ଅନ୍ୟ ୩ଟି ସରକାରୀ ବିଲ୍ ଚଳିତ ଅଧିବେଶନରେ ଆଗତ କରାଯିବାର କାର୍ଯ୍ୟସୂଚୀ ରହିଛି ।

## ମହାକୁମ୍ଭ - ଏକ୍ସଟେନ୍‌ସନ୍

ପ୍ରୟାଗରାଜ ମହାକୁମ୍ଭ ମେଳାର ସମୟସୀମା ସମ୍ପ୍ରସାରଣ ନେଇ ସାମାଜିକ ଗଣମାଧ୍ୟମରେ ପ୍ରଚାରିତ ଖବରକୁ ଉତ୍ତର ପ୍ରଦେଶ ସରକାର ଏବଂ ମହାକୁମ୍ଭ ମେଳା କର୍ତ୍ତୃପକ୍ଷ ଖଣ୍ଡନ କରିଛନ୍ତି । ଆସନ୍ତା ୨୬ ତାରିଖ ଦିନ ଏହି ମେଳା ଉଦ୍‌ଯାପିତ ହେବ ବୋଲି ସ୍ପଷ୍ଟ କରାଯାଇଛି । ପ୍ରୟାଗରାଜ ଜିଲ୍ଲା ମାଜିଷ୍ଟ୍ରେଟ୍ ରବୀନ୍ଦ୍ର ମାନ୍ଦବ୍ ଏ ସମ୍ପର୍କରେ ସୂଚନା ଦେଇ ଏଭଳି ମିଥ୍ୟା ଖବରକୁ ବିଶ୍ୱାସ ନ କରିବାକୁ ପରାମର୍ଶ ଦେଇଛନ୍ତି । ଆମ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ, ମହାକୁମ୍ଭ ମେଳାର ସମୟ ନିର୍ଘଣ୍ଟ ସ୍ଥିର ରହିଛି । ଏହାର ସମୟସୀମା ବୃଦ୍ଧି ନେଇ ସରକାରଙ୍କଠାରେ କୌଣସି ପ୍ରସ୍ତାବ ନାହିଁ ବୋଲି ପ୍ରଶାସନ ସ୍ପଷ୍ଟ କରିଛି । ସୁରୁଖୁରୁରେ ମେଳା ସମ୍ପନ୍ନ ପାଇଁ

ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଜିଲ୍ଲାପାଳଙ୍କ ସୂତ୍ରକୁ ଆଧାରକରି ଆମ ସମ୍ବାଦଦାତା କହିଛନ୍ତି, ପୂର୍ବଘୋଷଣା ବିନା କୌଣସି ରେଳ ଷ୍ଟସନ୍ ବନ୍ଦ ରହିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି । ପ୍ରୟାଗରାଜର ସମସ୍ତ ରେଳ ଷ୍ଟେସନ୍ ପୂର୍ବଭଳି କାର୍ଯ୍ୟକ୍ଷମ ରହିଛି ବୋଲି ସେ ସୂଚନା ଦେଇଛନ୍ତି ।

## ଶାହା - ଜେ.କେ. କ୍ରିମିନାଲ୍ ଲ'

ତିନୋଟିଯାକ ନୂତନ ଅପରାଧିକ ଆଇନକୁ ଆସନ୍ତା ଏପ୍ରିଲ୍ ସୁଦ୍ଧା ଲାଗୁ କରିବାକୁ ଜମ୍ମୁ-କାଶ୍ମୀର ପ୍ରଶାସନକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ପରାମର୍ଶ ଦେଇଛନ୍ତି । ଜମ୍ମୁ-କାଶ୍ମୀରେ ଏହି ଆଇନର କାର୍ଯ୍ୟକାରିତା ନେଇ ଏକ ସମୀକ୍ଷା ବୈଠକରେ ଅଧକ୍ଷତା କରି ଶ୍ରୀ ଶାହା ଏହା କହିଛନ୍ତି । ନୂଆଦିଲ୍ଲୀରେ ଗତକାଲି ଅନୁଷ୍ଠିତ ଏହି ବୈଠକରେ ଜମ୍ମୁ-କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଏବଂ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଯୋଗ ଦେଇଥିଲେ । ତ୍ୱରିତ ନ୍ୟାୟ ପ୍ରଦାନପାଇଁ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ଉପରେ ମନ୍ତ୍ରୀ ଶ୍ରୀ ଶାହା ଗୁରୁତ୍ୱାରୋପ କରିଛନ୍ତି । ଜମ୍ମୁ-କାଶ୍ମୀରରେ ଆତଙ୍କବାଦ କାର୍ଯ୍ୟକଳାପ ହ୍ରାସ ପାଇଥିବା ଦୃଷ୍ଟିରୁ ସୁରକ୍ଷା ପରିସ୍ଥିତିରେ ସୁଧାର ଆସିଥିବା ନେଇ ଶ୍ରୀ ଶାହା ସନ୍ତୋଷ ବ୍ୟକ୍ତ କରିଛନ୍ତି । ତେବେ ନାଗରିକଙ୍କ ସୁରକ୍ଷା ଏବଂ ଅଧିକାରକୁ

ଅକ୍ଷୁଣ୍ଣ ରଖିବା ଲକ୍ଷ୍ୟରେ ପଦକ୍ଷେପ ଗ୍ରହଣ କରିବାକୁ ଜମ୍ମୁ-କାଶ୍ମୀର ପୁଲିସ୍‌କୁ ଶ୍ରୀ ଶାହା ପରାମର୍ଶ ଦେଇଛନ୍ତି । ନୂଆ ଅପରାଧିକ ଆଇନଗୁଡ଼ିକ ନେଇ ପୁଲିସ୍ ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମ ଯଥାଶୀଘ୍ର ସମ୍ପନ୍ନ କରିବା ଉପରେ ଶ୍ରୀ ଶାହା ଗୁରୁତ୍ୱାରୋପ କରିଥିଲେ । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କହିଛନ୍ତି, ଜନସାଧାରଣଙ୍କୁ ଏହି ଆଇନ ସମ୍ପର୍କରେ ସଚେତନ କରିବା ଲକ୍ଷ୍ୟରେ ଜମ୍ମୁ-କାଶ୍ମୀର ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ।

## ଆଇ.ସି.ସି. - ଚାମ୍ପିୟନ୍ ଟ୍ରଫି

ଆଇ.ସି.ସି. ଚାମ୍ପିୟାନ୍ସ ଟ୍ରଫିର ନବମ ସଂସ୍କରଣ ଆଜିଠାରୁ ଆରମ୍ଭ ହେଉଛି । ଉଦ୍‌ଘାଟନୀ ମ୍ୟାଚ୍ ଆଜି ଅପରାହ୍ଣରେ ପାକିସ୍ତାନ ଏବଂ ନ୍ୟୁଜିଲାଣ୍ଡ୍ ମଧ୍ୟରେ ଅନୁଷ୍ଠିତ ହେବ । କରାଚୀଠାରେ ଏହି ମ୍ୟାଚ୍ ଭାରତୀୟ ସମୟ ଅପରାହ୍ଣ ସାଢ଼େ ୨ଟାରେ ଖେଳାଯିବ । ରୋହିତ୍ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀ ଦଳ ଆସନ୍ତାକାଲି ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମରେ ବାଂଲାଦେଶ ବିପକ୍ଷରେ ତା'ର ଅଭିଯାନ ଆରମ୍ଭ କରିବ । ପାକିସ୍ତାନ ଏବଂ ସଂଯୁକ୍ତ ଆରବ ଏମିରେଟ୍‌ସ୍‌ର ବିଭିନ୍ନ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍‌ଗୁଡ଼ିକ ଖେଳାଯିବ । ଆସନ୍ତାମାସ ୯ ତାରିଖରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଥିବା ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । ଭାରତ ସହ ବାଂଲାଦେଶ, ଆୟୋଜକ ପାକିସ୍ତାନ ଏବଂ ନ୍ୟୁଜିଲାଣ୍ଡ ଗ୍ରୁପ୍ ଏ'ରେ ସାମିଲ୍ ହୋଇଥିବାବେଳେ ଗ୍ରୁପ୍ ବି'ରେ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ଇଂଲଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ରହିଛନ୍ତି । ୨୦୧୭ ମସିହାରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଅଷ୍ଟମ ସଂସ୍କରଣରେ ଭାରତକୁ ପରାସ୍ତ କରି ପାକିସ୍ତାନ ଟାଇଟଲ୍ ହାସଲ କରିଥିଲା ।

## ଏଫ୍.ଆଇ.ଏଚ୍. ପ୍ରୋ ଲିଗ୍

ଏଫ୍.ଆଇ.ଏଚ୍. ପ୍ରୋ ହକି ଲିଗ୍ ପ୍ରତିଯୋଗିତାରେ ପୁରୁଷ ବର୍ଗରେ ଗତକାଲି ଭାରତ ଜର୍ମାନୀଠାରୁ ପରାସ୍ତ ହୋଇଛି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଜର୍ମାନୀ ୪-୧ ଗୋଲ୍‌ରେ ଭାରତକୁ ପରାସ୍ତ କରିଛି ।

ଭାରତ ଓ ଜର୍ମାନୀ ମଧ୍ୟରେ ଭୁବନେଶ୍ୱରଠାରେ ଆଜି ପୁନର୍ବାର ପରବର୍ତ୍ତୀ ମ୍ୟାଚ୍ ଖେଳାଯିବ ।

ଅନ୍ୟ ଏକ ମ୍ୟାଚ୍‌ରେ ଇଂଲଣ୍ଡ ସୁଟ୍‌ଆଉଟ୍ ଜରିଆରେ ୧-୦ ଗୋଲ୍‌ରେ ସ୍ପେନ୍‌କୁ ପରାସ୍ତ କରିଛି ।

ଅନ୍ୟପକ୍ଷରେ ମହିଳା ବର୍ଗରେ ଭାରତ ସ୍ପେନ୍‌ଠାରୁ ହାରିଯାଇଛି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ସ୍ପେନ୍ ଭାରତକୁ ୪-୩ ଗୋଲ୍‌ରେ ପରାସ୍ତ କରିଛି । ଆଜି ଦୁଇ ଦଳ ମଧ୍ୟରେ ପୁନର୍ବାର ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ ।

## ଡବ୍ଲ୍ୟୁ.ପି.ଏଲ୍. କ୍ରିକେଟ୍

ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍ ପ୍ରତିଯୋଗିତାରେ ଗତକାଲିର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବିଜୟୀ ହୋଇଛି । ବଦୋଦୋରାର କୋଟାମ୍ବି ଷ୍ଟାଡିୟମ୍‌ଠାରେ ଗତ ସନ୍ଧ୍ୟାରେ ଅନୁଷ୍ଠିତ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୫ ୱିକେଟ୍‌ରେ ଗୁଜୁରାଟ୍ ଜାଏଣ୍ଟ୍‌ସ୍‌କୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଗୁଜୁରାଟ ନିର୍ଦ୍ଧାରିତ ୨୦ ଓଭର୍‌ରେ ସମସ୍ତ ୱିକେଟ୍ ହରାଇ ୧୨୦ ରନ୍ ସଂଗ୍ରହ କରିଥିଲା । ୧୨୧ ରନ୍‌ର ବିଜୟ ଲକ୍ଷ୍ୟକୁ ମୁମ୍ବାଇ ୧୬ ଓଭର୍ ଗୋଟିଏ ବଲ୍‌ରେ ୫ ୱିକେଟ୍ ବିନିମୟରେ ହାସଲ କରିଥିଲା ।

ଆଜି ସେହି ଷ୍ଟାଡିୟମ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ୍ ଏବଂ ୟୁ.ପି. ୱାରିୟର୍ସ ମଧ୍ୟରେ ସନ୍ଧ୍ୟା ସାଢ଼େ ୭ଟାରେ ମ୍ୟାଚ୍ ଖେଳାଯିବ ।

*****